# ବିପ୍ଳବୀ କବି ବାଞ୍ଛାନିଧି

**ଡ଼ଃ ବିଭୂତି ପଟ୍ଟନାୟକ**

ପ୍ରତି ରାଷ୍ଟ୍ର ବିପ୍ଳବ ପଛରେ ଥାଏ ସେ ଦେଶର କବି, ସାହିତ୍ୟିକ ଓ ଦାର୍ଶନିକମାନଙ୍କର ପରୋକ୍ଷ ପ୍ରେରଣା । ଫରାସୀ ବିପ୍ଳବ ପଛରେ ଯେପରି ଥିଲେ ରୁଷୋ, ଭଲଟାୟାର, ବଲ୍‌ଶୋଭିକ ବିପ୍ଳବ ଅନ୍ତରାଳରେ ଥିଲେ ସେହିପରି ମାୟାକୋଭସ୍କି ଏବଂ ଗୋର୍କି । ଭାରତ ସ୍ୱାଧୀନତା ବିପ୍ଳବର ଗତିକୁ ତ୍ୱରାନ୍ୱିତ କରିଥିଲା ସୁବ୍ରମନିୟମ ଭାରତୀଙ୍କ ଠାରୁ ଆରମ୍ଭ କରି ସରୋଜିନୀ ନାଇଡୁଙ୍କ ଭଳି କବିମାନଙ୍କର ଉତ୍ସାହବାଣୀ । ସର୍ବୋପରି ବିଶ୍ୱକବି ରବୀନ୍ଦ୍ରନାଥଙ୍କ ଜାତୀୟତାବୋଧକ କବିତା, ବଂକିମଚନ୍ଦ୍ରଙ୍କ **ବନ୍ଦେ ମାତରମ୍** ବାଣୀ ଅଗଣିତ ସ୍ୱାଧୀନତା ସଂଗ୍ରାମୀମାନଙ୍କ ହୃଦୟକୁ ମୁକ୍ତି ମନ୍ତ୍ରରେ ଅନୁରଣିତ କରିଥିଲା ।

ଓଡ଼ିଶାର ଦୁଇଜଣ ଜାତୀୟ କବି ଓଡ଼ିଶା ସ୍ୱାଧୀନତା ଆନ୍ଦୋଳନର ପୁରୋଭାଗରେ ଥିଲେ । ଜଣେ ଥିଲେ ଜଗତସିଂହପୁରର କବି ବୀରକିଶୋର ଦାସ ଏବଂ ଅନ୍ୟ ଜଣକ ହେଲେ ଭଦ୍ରକର କବି ବାଞ୍ଛାନିଧି ମହାନ୍ତି ।

ବୀର କିଶୋର, ବାଞ୍ଛାନିଧି ଉଭୟେ ଥିଲେ ମଧ୍ୟବିତ୍ତ ପରିବାରରା ସନ୍ତାନ । ପରିବାର ପ୍ରତିପୋଷଣ ପାଇଁ କୌଣସି ନା କୌଣସି ସମୟରେ ସେମାନଙ୍କୁ ଚାକିରି କରିବାକୁ ହୋଇଛି କିନ୍ତୁ ଦେଶ ମାତୃକାର ଆହ୍ୱାନ ପାଖରେ ପାରିବାରିକ ଆର୍ଥିକ ସ୍ୱାଚ୍ଛନ୍ଦ୍ୟକୁ ତୁଚ୍ଛକରି ଦେଇ ସେମାନ ପାନ କରିଛନ୍ତି ମୁକ୍ତିର ସଂଗୀତ । ବରଣ କରି ନେଇଛନ୍ତି କାରଗାର ଜୀବନ; ଆର୍ଥିକ କଷଣ ।

ହଜାର ହଜାର ବାନର ସେନା ମଦ ଦୋକାନ ଆଗରେ ପିକେଟିଂ କରି ପୋଲିସିର ବେତ ପ୍ରହାର ଖାଇଲା ବେଳେ ଉଚ୍ଚ କଣ୍ଠରେ ବୀର କିଶୋରଙ୍କ ସେଇ କବିତା ପଦକ ଉଚ୍ଚାରଣ କରିଛନ୍ତି-

ଭାଇ ହେ ! ମାର କେତେ ବେତ ମାରିବ
ଦେଶ ଲାଗି ଆମେ ଜୀବନ ଦେଇଛୁ
ତୁମେ କି ଆମକୁ ପାରିବ ?

ସେହିପରି ଗୋଲଟେବୁଲ ବୈଠକରେ ଯୋଗଦେଇ ମହାତ୍ମାଗାନ୍ଧି ଶୂନ୍ୟ ହସ୍ତରେ ଫେରିଲାବେଳେ ଦେଶବାସୀଙ୍କୁ ଆନ୍ଦୋଳନରେ ଝାସ ଦେବାପାଇଁ ଆହ୍ୱାନ କରି ବୀର କିଶୋର ଲେଖିଥିଲେ-

ଅରି ଫେରି ନାହିଁ ଯୁଦ୍ଧ ସରି ନାହି
ଆସ ମୋ ଶିବିରେ ଆସ ଭାଇ,
ହିମାଚଳ ଶିରୁ ଶବଦ ଶୁଭଇ
ଡ଼େରି ନାହିଁ ଆଉ ଡ଼େରି ନାହିଁ ।

ସ୍ୱାଧୀନତା ପ୍ରାପ୍ତି ପରେ ମଧ ଦେଶରୁ ଶୋଷଣ କଷଣ ଦୂର କରିବା ପାଇଁ ଅରି ଫେରି ନାହିଁ ଯୁଦ୍ଧ ସରି ନାହିଁ ପଙ୍କ୍ତି ଅନେକ ବାମପନ୍ଥୀ ସଂଗ୍ରାମୀମାନଙ୍କ କଣ୍ଠରେ ଉଚ୍ଚାରିତ ହୋଇଛି ।

ବୀରକିଶୋରଙ୍କ ଭଳି ବାଞ୍ଛାନିଧି ଥିଲେ ଜାତୀୟବାଦୀ କବି । ଗାନ୍ଧି, ଗୋପବନ୍ଧୁଙ୍କ ସାନ୍ନିଧ୍ୟରେ ଆସି ସେ ସ୍ୱାଧୀନତା ଆନ୍ଦୋଳନ ପ୍ରତି ଆକୃଷ୍ଟ ହୋଇଥିଲେ କିନ୍ତୁ ବୀର କିଶୋରଙ୍କ ଠାରୁ ତାଙ୍କର ଆଉ ଦୁଇଟି ବୈଶିଷ୍ଟ୍ୟ ଥିଲା । ସେ ନିଜେ ଥିଲେ ସଗୀତ ଶିଳ୍ପୀ ଏବଂ ନାଟ୍ୟକାର । ନାଟକ ଅଭିନୟରେ ତାଙ୍କର ଏତେ ଅଧିକ ଝୁଙ୍କ୍ ଥିଲା ଯେ, ତାଙ୍କ ନିଜ ଇଚ୍ଛା ବିରୁଦ୍ଧରେ ନିଜର ସମ୍ମାନ ରକ୍ଷାଲାଗି ବାହାଘର ବେଳେ ଟଙ୍କା ଆକାରରେ ଯେଉଁ ଯୌତୁକ ନେଇଥିଲେ, ସେ ଅଥ ସେ ଇରମର ରାଧାମୋହନ ଥିଏଟର ପାର୍ଟିର ପୁନର୍ବିର୍ନାସ ପାଇଁ ଦାନ କରିଦେଇଥିଲେ । ପୁଣି ସେ ଆଇ.ଏ. ପରୀକ୍ଷାରେ କୃତିତ୍ୱର ସହ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ ସୁଦ୍ଧା ବି.ଏ. ଶେଷ ବର୍ଷ **କାଂଚି କାବେରୀ** ନାଟକ ଅଭିନୟ ଏବଂ ସଂଗୀତ ଚର୍ଚ୍ଚାରେ ବ୍ୟସ୍ତ ରହି ପରୀକ୍ଷା ପ୍ରସ୍ତୁତିରେ ଅବହେଳା କରିବା ଫଳରେ ବି.ଏ. ପରୀକ୍ଷାରେ ପ୍ରଥମ ଥର ଅକୃତକାର୍ଯ୍ୟ ହୋଇଥିଲେ ।

ଶିଳ୍ପୀ କେବଳ ଶିଳ୍ପର ସ୍ରଷ୍ଟା ନୁହେଁ, ସେ ନିଜେ ମଧ ସମୟ ଓ ପରିବେଶର ସୃଷ୍ଟି । ବାଞ୍ଛାନିଧି ଯେଉଁ ସମୟ ଓ ପରିବେଶ ମଧ୍ୟରେ ମଣିଷ ହୋଇଥିଲେ, ସେଥିରେ ତାଙ୍କର ଅନ୍ୟ କିଛି ହେବା ସମ୍ଭବ ହୋଇନଥିଲା । ଭଦ୍ରକ ସେତେବେଳେ ଥିଲା ସାହିତ୍ୟ, ସଂଗୀତ ଚର୍ଚ୍ଚାର ତୀର୍ଥଭୂମି । କାନ୍ତକବି ଲକ୍ଷ୍ମୀକାନ୍ତ, କବିମଂଜୁଳ କୃଷ୍ଣପ୍ରସାଦ ବସୁଙ୍କ ସହ ମିଶି ବାଞ୍ଛାନିଧି ସାହିତ୍ୟ ଓ ସଂଗୀତ ଚର୍ଚ୍ଚାକୁ ନିଜ ଜୀବନର ଅବିଚ୍ଛେଦ ଅଂଗ ଭାବରେ ଗ୍ରହଣ କରିନେଇଥିଲେ । ବିଶେଷତଃ ଏ ତିନି ଜଣ ଯାକ ଗୋଟିଏ ସମୟରେ କଟକ ରେଭେନ୍ସା କଲେଜରେ ଛାତ୍ର ଥିବା ବେଳେ ଏମାନଙ୍କ ସାହିତ୍ୟ ସଂଗୀତ ଚର୍ଚ୍ଚା ସହିତ ନାଟକ ଅଭିନୟ ମଧ ଆସି ମିଶି ଯାଇଥିଲା । ବାଞ୍ଛାନିଧି ନିଜ ପାଠପଢାକୁ ସୁଦ୍ଧା ଅବହେଳା କରି ସଂଗୀତ-ନାଟକ ଚର୍ଚ୍ଚାରେ ନିମଜ୍ଜିତ ହେବାକୁ ପଶ୍ଚାତ୍‌ପଦ ହୋଇନଥିଲେ ।

ବାଞ୍ଛାନିଧିଙ୍କ ଜୀବନର ଗତି ଭିନ୍ନ ମୋଡ଼ ନେଇ ନଥାନ୍ତା, ଯଦି ସେ ରେଭେନ୍ସା କଲେଜରେ ପଢିଲାବେଳେ ହିଁ ତାଙ୍କର ଉତ୍କଳମଣି ଗୋପବନ୍ଧୁଙ୍କ ସହିତ ପରିଚୟ ହୋଇନଥାନ୍ତା । ଗୋପବନ୍ଧୁ ସତ୍ୟବାଦୀ ବନ ବିଦ୍ୟାଳୟ ପାଇଁ ଶିକ୍ଷକ ଓ ସ୍ୱାଧୀନତା ସଂଗ୍ରାମ ପାଇଁ ସୈନିକ ଅନ୍ୱେଷଣରେ ରେଭେନ୍ସା କଲେଜ ଆସିଥିଲେ । ତାଙ୍କ ସହିତ ବାଞ୍ଛାନିଧିଙ୍କର ପ୍ରଥମ ପରିଚୟ ଓ ପରେ ଘନିଷ୍ଠତା ହୋଇଥିଲା । ବିଚ୍ଛିନ୍ନାଂଚଳ ମିଶ୍ରଣ ଆନ୍ଦୋଳନରେ ସହଯୋଗୀ ଭାବରେ ସେ ଗୋଦାବରୀଶ ମିଶ୍ର, ଯଦୁମଣି ମଂଗରାଜ ପ୍ରମୁଖଙ୍କ ସହ ମେଦିନପୁର, ଫୁଲଝର, ସିଂହଭୂମି ଆଦି ଅଂଚଳରେ ସଭା ସମିତି କରି ଲୋକଙ୍କ ଭିତରେ ଓଡ଼ିଆ ଭାବ ଜାଗ୍ରତ କରିଥିଲେ । ତାଙ୍କ ଲେଖନୀରେ ଛିନ୍ନମସ୍ତା ଉତ୍କଳ ଜନନୀର ଅଶ୍ରୁଳ ଆକୃତି ପ୍ରକମ୍ପିତ ହୋଇଥିଲା-

କି ହେବ ଏ ମୁଣ୍ଡକଟା ଦେଶକୁ ଘେନି
ମୁଣ୍ଡକଟା ଗୋଡ଼ କଟା ପଙ୍ଗୁକୁ ଘେନି ।

ମୋ ଜନନୀ କି ସୁନ୍ଦର     ସିଂହଭୂମି ତାର ଶିର
ମେଦିନୀପୁର ମଂଜୁଷା ପୟର ବେନି ॥
ଟିକାଲୀ ତା ଅଂଗ ଟୀକା     ସମ୍ବର ଚାରୁ ଛିଟିକା
ଫୁଲଝର ଫୁଲଝରା ସୁଷମା ବେଣୀ ॥
ମୋ ଜାତି କେଡ଼େ ମହତ     ହୋଇଛି ଚେତନା ହତ
ତିନି ଦେଶେ ବନ୍ଧା ଜଳଧାରା ତ୍ରିବେଣୀ ॥

ପିତା ଚିନ୍ତାମଣି ଚାହୁଁଥିଲେ ପୁଅ ବାହାହୋଇଯାଇ ସଂସାର କଲେ ମନ ଘର ଧରିବ । ଚାକିରୀ ବାକିରିରେ ମନ ବଳିବ । ବାଞ୍ଛାନିଧି ବାହାହୋଇ, ଘରସଂସାର କଲେ; କିନ୍ତୁ ଚାକରୀ କରିବାକୁ ରାଜି ହେଲେ ନାହିଁ । ଯାହା କିଛିଦିନ ଦାୟରେ ପଡ଼ି ସ୍କୁଲ ସବ୍‌ଇନ୍ସପେକ୍ଟର, ସ୍କୁଲ ଶିକ୍ଷକ ହୋଇଥିଲେ-ସେତିକି । ବାପା ଓକିଲାତି ପଢାଇଲେ । ବାଧ କଲେ ଓକିଲାତି କରିବା ପାଇଁ । ବାଞ୍ଛାନିଧି ଆଇନ୍ ପଢିଲେ କିନ୍ତୁ ଆଇନ୍‌କୁ ଜୀବିକା କରିବେ ନାହିଁ ବୋଲି ଯିଦ୍ ଧରି ବସିଲେ ।

ବାଲେଶ୍ୱର ସେତେବେଳେ ଅଗ୍ନିଗର୍ଭା । ଇରମର ଲବଣ ସତ୍ୟାଗ୍ରହ ଭାରତ ଇତିହାସରେ ବୀରତ୍ୱର ଏକ ନୂତନ ଅଧ୍ୟାୟ ଯୋଗ କରିଥାଏ । ଗାନ୍ଧି, ଗୋପବନ୍ଧୁ ଦାସ ଓ ଚୌଧୁରୀ ଉଭୟ ଭଦ୍ରକ ଗ୍ରସ୍ତ କରୁଥାଆନ୍ତି । ସେତେବେଳେ ବିପ୍ଳବୀ ବାଞ୍ଛାନିଧି କଳାକୋଟ୍ ପିନ୍ଧି, କଳାକୁ ଧଳା ବୋଲି କହି ଦୁଇପଇସା ରୋଜଗାର କରିବା ପାଇଁ କଚେରୀକୁ ଯାଇଥାଆନ୍ତେ ?

ଏଣେ ପୁଣି କନିକା ପ୍ରଜାମାନଙ୍କ ଉପରେ ଜମିଦାରଙ୍କ ଅତ୍ୟାଚାରଙ୍କ ଅତ୍ୟାଚାର ଓ ପ୍ରଜାମାନଙ୍କ ଆର୍ତ୍ତନାଦ ତାଙ୍କ କାନରେ ଶୁଭି ଯାଉଥାଏ । ସେ ଗାନ କରୁଥାଆନ୍ତି-

କେତେ ଦିନ ଆଉ ଦୁଃଖିନୀ କନିକା
ଅନୀତି ଯାତନା ସହିବ ?
ଦୁଃଖ ସହିବାକୁ ଦୁଃଖିନୀ ଲଲାଟେ
ଲିହିଥିଲା କିବା ଦଇବ ?

ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିବା ଥିଲା ବାଞ୍ଛାନିଧିଙ୍କ କବିତ୍ୱର ଆଦ୍ୟ ଇସ୍ତାହାର । ତାଙ୍କ ହାତରେ ଅସି ନଥିଲା, ଥିଲା ମସୀ । ତାଙ୍କର ସେଇ ଶାଣିତ କିବତାର ଖଣ୍ଡାଧାରରେ ରାଜା, ଜମିଦାରଙ୍କ ଠାରୁ ଆରମ୍ଭ କରି ସାମ୍ରାଜ୍ୟବାଦ୍ୟ ବ୍ରିଟିଶ ସରକାରଙ୍କ ହୃଦୟରୁ ରକ୍ତ-କ୍ଷରଣ ହେଉଥିଲା ।

ତାଙ୍କର ଆଚ୍ଛା ଗୋଲଟେବୁଲ ପାଲା ଲାଗିବାର, ବାପା ସତ୍ୟପୀର ପୂଜା ମାଗି୍ଲାରେ ସଂଗୀତ ଗାଁ ଗହଳିରେ ସାଧାରଣ ଲୋକଙ୍କ କଣ୍ଠରେ ସୁଦ୍ଧା ବାରମ୍ବାର ଉଚ୍ଚାରିତ ହେଉଥିଲା । କିମ୍ବା

କାହୁଁ ଆଇଲେ ବିଦେଶରୁ ବେପାରୀ
ସବୁ ସାଇଲେ ହେଲୁ ଆମେ ଭିକାରି
ଅଥବା
କହ କେଉଁ ଜାତି ପାଇଛି ମୁକତି
କରି ହୁରି ହାରି ଗୁହାରି
କହ ପାଇଛି କେ ସୁଖ ଲିଭାଇଛି ଦୁଃଖ
ମାଗି ମାଗି ପଥ ଭିକାରି
ଅଥବା
କିହେବ ସେ ସ୍ୱରାଜ ଘେନି ଯେବେ
ମୋର ନପୁରେ ପେଟ,
ଖଟି ଖଟି ମଲେଣି ମୂଲିଆ ଚାଷୀ ଚଷି
ଦାନା କନା ନିଅଣ୍ଟ ।

ପ୍ରଭୃତି ତାଙ୍କର ସ୍ୱତଃ-ସ୍ମରଣୀୟ ସଂଗୀତ ଆଜିସୁଦ୍ଧା ଶୁଣିଲେ ହୃଦୟ ଆଲୋଡ଼ିତ ଏବଂ ମନ ଆନନ୍ଦୋଳିତ ହୋଇଯାଏ ।

ସେ ଥିଲେ ଓଡ଼ିଶାର ବିପ୍ଳବୀ କବି । ତାଙ୍କର ଅବର୍ତ୍ତମାନରେ ସୁଦ୍ଧା ତାଙ୍କ ଜାତୀୟତାବାଦୀ କବିତାଗୁଚ୍ଛ ମନରେ ଆଗ୍ନେୟ ଉତ୍ତାପ ସଂଚରିତ କରେ ।

ଅବସରପ୍ରାପ୍ତ ପ୍ରାଧ୍ୟାପକ
୩. ଏଇଚ, ଲୁଇସ୍ ରୋଡ଼
ଭୁବନେଶ୍ୱର-୧୪